# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ କମିଟି-୨୦୧୫

## କଳାହାଣ୍ଡି, ଭବାନୀପାଟଣା

### ଶୁଭେଚ୍ଛା ପତ୍ର

ଶିଶୁ ବୈଜ୍ଞାନିକ ଶ୍ରୀମାନ ଦୁର୍ଗା ଶଙ୍କର ଜାନୀ
ପୋଲିସ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା

ଏଇ କଅଁଳ ବୟସରେ ବିଦ୍ୟାଳୟର ଶିକ୍ଷା ଗ୍ରହଣ ସହ ବିଜ୍ଞାନ ବିଷୟ ପ୍ରତି ଅହେତୁକ ଆଗ୍ରହ, ପ୍ରଗାଢ଼ ନିଷ୍ଠା ଓ ନୂତନ କିଛି ସୃଷ୍ଟି କରିବାର ପ୍ରବଳ ଇଚ୍ଛାଶକ୍ତି ହିଁ ଆପଣଙ୍କ ସଫଳତାର ଚାବିକାଠି ସମ୍ପର୍କରେ ସଚେତନ କରିଛି । ରାଜ୍ୟସ୍ତରୀୟ ଶିଶୁବିଜ୍ଞାନ କଂଗ୍ରେସରେ ଶ୍ରେଷ୍ଠ ବିବେଚିତ ହେବାପରେ ଜାତୀୟସ୍ତରରେ ପୁରସ୍କୃତ ହୋଇ ଆପଣମାନେ କେବଳ ଯେ ନିଜ ବିଦ୍ୟାଳୟର ଓ ଜିଲ୍ଲାର ମାନବୃଦ୍ଧି କରିପାରିଛନ୍ତି ତାହା ନୁହେଁ ସମଗ୍ର ରାଜ୍ୟ ପାଇଁ ପାଲଟିଛନ୍ତି ଆଦର୍ଶ ଓ ଗୌରବ । ଆପଣମାନଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ 'କଳାହାଣ୍ଡିରେ ଜଳବାୟୁ ଓ ପାଣିପାଗ ପରିବର୍ତ୍ତନ ହେତୁ ଖାଦ୍ୟାଭ୍ୟାସର ପରିବର୍ତ୍ତନ' ଯେ ନୂତନ ପୀଢ଼ିର ବିଜ୍ଞାନପ୍ରେମୀ ମାନଙ୍କୁ ଦିଗ୍‌ଦର୍ଶନ ଦେବ ଏଥିରେ ସନ୍ଦେହ ନାହିଁ ।

ହେ ଶିଶୁ ବୈଜ୍ଞାନିକ, ଆଜି ଦେଶର ୬୬ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ଜିଲ୍ଲାସ୍ତରୀୟ ଉତ୍ସବରେ ଆପଣଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଜୀବନ ସଫଳତା କାମନା କରୁଛୁ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ
କଳାହାଣ୍ଡି

ସଭାପତି ଓ
ଜିଲ୍ଲାପାଳ

ମୁଖ୍ୟଅତିଥି

245